بسم الله الرحمٰن الرحيم

**ଖୁତବା ଜୁମା ୭ ଅଗଷ୍ଟ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ବିଗତ ବର୍ଷ ଜମାଅତ୍ ଅହେମଦିୟା ଉପରେ ହୋଇଥିବା ଅଲ୍ଲାଃତାଲାଙ୍କ କୃପା ଏବଂ ପୁରସ୍କାରର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା।

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ ସୁରା ସଫ୍‌ର ନିମ୍ନୋକ୍ତ ଆୟତ୍‌ର ଆବୃତ୍ତି କଲେ:

يُرِيْدُونَ لِيُطْفِئُوْا نُوْرَ اللّٰهِ بِأَفْوَاهِهِمْ وَ اللّٰهُ مُتِمُّ نُوْرِهٖ وَلَوْ كَرِهَ الْكٰفِرُوْنَ ○ هُوَ اللّٰهُ الَّذِىٓ اَرْسَلَ رَسُوْلَهٗ بِا الْهُدٰى وَ دِيْنِ الْحَقِّ

لِيُظْهِرَهٗ عَلَى الدِّيْنِ كُلِّهٖ ۙ وَلَوْ كَرِهَ الْمُشْرِكُوْنَ ○ (الصَّف:9,10)

*ଅର୍ଥାତ୍ ସେମାନେ ଆପଣା ମୁଖ ଦ୍ୱାରା ଅଲ୍ଲାଃତାଲାଙ୍କ ଜ୍ୟୋତିକୁ ନିର୍ବାପିତ କରିଦେବାକୁ ଇଚ୍ଛା କରୁଛନ୍ତି ଏବଂ ଅବିଶ୍ୱାସକାରୀମାନେ ଯେତେ ଅପସନ୍ଦ କଲେ ମଧ୍ୟ ଅଲ୍ଲାଃତାଲା ନିଜ ଜ୍ୟୋତିକୁ ସମ୍ପୂର୍ଣ୍ଣ ରୂପେ ବିସ୍ତାରିତ କରିବେ। ସେ (ଅଲ୍ଲାଃ) ହିଁ ନିଜ ରସୁଲଙ୍କୁ ସତ୍‌ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ଦ୍ୱାରା କି ମୁସ୍‌ରିକ୍‌ମାନେ ଯେତେ ଅପସନ୍ଦ କଲେ ମଧ୍ୟ ସେ ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ ।*

ହୁଜୁର୍ ଅନୱର୍ ଅ.ବ କହିଲେ ଆଜି ଅଗଷ୍ଟ ମାସ ୭ ତାରିଖ ଏବଂ ଜମାଅତ୍ ଅହେମଦିୟା ୟୁ.କେର କ୍ୟାଲେଣ୍ଡର ଅନୁଯାୟୀ ଏହା ଜଲ୍‌ସା ସାଲାନା ୟୁ.କେର ପ୍ରଥମ ଦିବସର ପ୍ରଥମ ଅଧିବେଶନ । କିନ୍ତୁ ଉକ୍ତ ମହାମାରୀ ଯୋଗୁଁ ଯାହାକି ସମଗ୍ର ପୃଥିବୀରେ ପରିବ୍ୟାପ୍ତ, ଚଳିତ ବର୍ଷ ଜଲ୍‌ସା ସାଲାନାର ଆୟୋଜନ ହୋଇ ପାରିଲା ନାହିଁ । ଅଲ୍ଲାଃତାଲା ଯଥାଶୀଘ୍ର ପରିସ୍ଥିତିକୁ ଅନୁକୂଳ କରନ୍ତୁ । ଯଦ୍ଦ୍ୱାରା ଆମେମାନେ ଜଲ୍‌ସା ଆୟୋଜନ କରି ପାରିବା । ସେ ଯାହା ହେଉ ନା କାହିଁକି ଉକ୍ତ ଅଭାବକୁ କିଛି ମାତ୍ରାରେ ଏମ.ଟି.ଏର ପ୍ରସାରଣ ଲାଘବ କରିବା ପାଇଁ ପ୍ରୟାସ କରିଛି । ବିଗତ ବର୍ଷ ବିଭିନ୍ନ ଦେଶରେ ଅନୁଷ୍ଠିତ ହୋଇଥିବା ମୋର ବିଭିନ୍ନ ଅଭିଭାଷଣକୁ ପ୍ରସାରଣ କରିବାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ସେହିପରି ଲାଇଭ୍ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରଣ କରାଯିବ । ମୁଁ ଆଶା କରେ କି ଆମର ଏହି ସାମାନ୍ୟତମ ପ୍ରୟାସ ଜମାଅତ୍‌ର ସଦସ୍ୟମାନଙ୍କର ତୃଷ୍ଣାକୁ ମେଣ୍ଟାଇବାରେ ସହାୟକ ହେବ । ଏଥିସହ ମୁଁ ଏହା ମଧ୍ୟ ବିଚାର କରୁଛି ଯେ, ଅଲ୍ଲାଃତାଲାଙ୍କ ଜମାଅତ୍ ଉପରେ ହୋଇଥିବା କୃପା ସଂପର୍କରେ ମୁଁ ବିଗତ ବର୍ଷର ରିପୋର୍ଟ ଉପସ୍ଥାପିତ କରିବା ପରିବର୍ତ୍ତେ ଚଳିତ ବର୍ଷର ସଦ୍ୟତମ ରିପୋର୍ଟ ଉପସ୍ଥାପିତ କରିବି । ଯାହାକି ଜମାଅତ୍‌ର ସଦସ୍ୟଙ୍କ ପାଇଁ ବିଶ୍ୱାସବର୍ଦ୍ଧକ ସାବ୍ୟସ୍ତ ହେବ । ଏଣୁ ମୁଁ ଏହି ନିଷ୍ପତ୍ତି ନେଇଛି ଯେ, ଖୁତ୍‌ବା ଜୁମାରେ ମଧ୍ୟ ଉକ୍ତ ରିପୋର୍ଟର କିଛଟା ଅଂଶ ଉପସ୍ଥାପିତ କରିବି ଏବଂ ଅବଶିଷ୍ଟାଂଶ ଆସନ୍ତା ରବିବାର ଦିନ ଅପରାହ୍ନ ୪ ଘଟିକା ସମୟରେ ମସ୍‌ଜିଦ୍ ସହିତ ସଂଲଗ୍ନ ହଲ୍‌ରୁ ଏକ କାର୍ଯ୍ୟକ୍ରମ କରି ସେଠାରୁ ସିଧା ପ୍ରସାରଣ କରାଯିବ । ଇନ୍‌ଶାଅଲ୍ଲାଃ ।

ହୁଜୁର୍ ଅନୱର୍ ଅ.ବ କହିଲେ ଉକ୍ତ ରିପୋର୍ଟର ମୁଖ୍ୟ କେନ୍ଦ୍ରବିନ୍ଦୁଗୁଡ଼ିକ ଉପସ୍ଥାପିତ କରିବା ପୂର୍ବରୁ ମୁଁ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସେହି ଉପଦେଶାବଳୀ ଉପସ୍ଥାପିତ କରିବି ଯାହାକି କେତେକାଂଶରେ ଉକ୍ତ ଆୟତର ବ୍ୟାଖ୍ୟା କରିଥାଏ ଯାହାକୁ ମୁଁ ଉପରୋକ୍ତ ପୃଷ୍ଠାରେ ଆବୃତ୍ତି କରିଛି ।

ହଜ଼ରତ୍ ମସିହ୍ ମଉଦ୍ ଅ.ସ କହନ୍ତି:

**هُوَ اللّٰهُ الَّذِیۡۤ اَرۡسَلَ رَسُوۡلَهٗ بِا الۡهُدٰی وَ دِیۡنِ الۡحَقِّ لِیُظۡهِرَهٗ عَلَی الدِّیۡنِ کُلِّهٖ** **ଅର୍ଥାତ୍** *ସେ (ଅଲ୍ଲାହ) ହିଁ ନିଜ ରସୁଲଙ୍କୁ ସତ୍‌ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ସେ ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ* । ସେ ମୋତେ ଉକ୍ତ ଐଶୀବାଣୀର ଏହି ଅର୍ଥ ବୁଝାଇଛନ୍ତି ଯେ, ମୁଁ ଏଇଥିପାଇଁ ଅଲ୍ଲାଃତାଲାଙ୍କ ତରଫରୁ ପ୍ରେରିତ ହୋଇଛି ଯେ, ମୋ ଦ୍ୱାରା ଯେପରି ସେ ତାହାକୁ (ରସୁଲଙ୍କ ଧର୍ମ) ସମସ୍ତ ଧର୍ମ ଉପରେ ବିଜୟୀ କରିବେ । ତେଣୁ ଏଠାରେ ସ୍ମରଣ ରହୁ କି ଉକ୍ତ ଆୟତଟି ପବିତ୍ର କୁର୍‌ଆନ୍ କରୀମରେ ଏକ ଭବ୍ୟ ଏବଂ ବିଶିଷ୍ଟ ଭବିଷ୍ୟବାଣୀ ରୂପେ ବିବେଚିତ । ଯାହା ଉପରେ ସମସ୍ତ ବିଦ୍ୱାନ, ମନିଷୀ ଏବଂ ଗବେଷକମାନେ ଏକମତ ଯେ, ସେହି ବିଜୟ ମସିହ୍ ମଉଦଙ୍କ ଦ୍ୱାରା ହିଁ ପୂର୍ଣ୍ଣ ହେବ । ଅଲ୍ଲାଃତାଲା ମୋତେ କହିଛନ୍ତି ଯେ, ଉକ୍ତ ଆୟତର ଚରିତାର୍ଥ ତୁମ୍ଭେ ଅଟ ଏବଂ ତୁମ୍ଭ ହସ୍ତ ଦ୍ୱାରା ଓ ତୁମ୍ଭରି ଯୁଗରେ ହିଁ ଇସଲାମ୍ ଧର୍ମର ଶ୍ରେଷ୍ଠତା ଅନ୍ୟ ଧର୍ମ ନିକଟରେ ପ୍ରତିପାଦିତ ହେବ ।

ହୁଜୁର୍ ଅନ୍‌ୱର ଅ.ବ କହିଲେ: ବର୍ତ୍ତମାନ ମୁଁ କେତେକ ରିପୋର୍ଟର କିଞ୍ଚିତ ଅଂଶ ଉପସ୍ଥାପିତ କରୁଛି । ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ସମଗ୍ର ପୃଥିବୀରେ ପାକିସ୍ତାନ ବ୍ୟତୀତ ଯେଉଁ ନୂତନ ଜମାଅତ୍ ସ୍ଥାପିତ ହୋଇଛି, ତାହାର ସଂଖ୍ୟା ହେଉଛି ୨୮୮ ଏବଂ ଏହି ନୂତନ ଜମାଅତ୍ ବ୍ୟତୀତ ୧୦୪୦ଟି ସ୍ଥାନରେ ପ୍ରଥମ ଥର କରି ଜମାଅତ୍ ଅହେମଦିୟାର ଚାରା ରୋପଣ କରାଯାଇଛି । ହୁଜୁର୍ ଅନୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କିଛି ରାଷ୍ଟ୍ର ଯେପରି କଙ୍ଗୋ କିନ୍‌ଶା, ଗ୍ୟାମ୍ବିୟା, ଲାଇବେରିୟା, ଫିଲିପାଇନ୍, ସେଙ୍ଗାଲ୍, ଗୁଏଟେମୋଲା ସହିତ ଜଡ଼ିତ ଥିବା ତବ୍‌ଲିଗୀ ପ୍ରୟାସ ଏବଂ ଅହେମଦିୟତ୍ ଗ୍ରହଣକାରୀଙ୍କ ବିଶ୍ୱାସବର୍ଦ୍ଧକ ଘଟଣାର ଚର୍ଚ୍ଚା କରିବି ।

ଏହାପରେ ହୁଜୁର୍ ଅନୱର୍ ଅ.ବ ନୂତନ ମସ୍‌ଜିଦ୍‌ର ନିର୍ମାଣ ଏବଂ ଜମାଅତ୍‌କୁ ପ୍ରାପ୍ତ ହୋଇଥିବା ମସ୍‌ଜିଦ୍ ସଂପର୍କରେ କହିଲେ ଯେ, ଅଲ୍ଲାଃତାଲାଙ୍କ କୃପାରୁ ସେହି ମସ୍‌ଜିଦ୍‌ଗୁଡ଼ିକର ସମୁଦାୟ ସଂଖ୍ୟା ହେଉଛି ୨୧୭ । ତନ୍ମଧ୍ୟରୁ ୧୨୪ଟି ନୂତନ ମସ୍‌ଜିଦ୍ ଜମାଅତ୍ ନିର୍ମାଣ କରିଛି ଏବଂ ବାକି ୯୩ଟି ପୂର୍ବରୁ ନିର୍ମିତ ହୋଇଥିବା ମସ୍‌ଜିଦ୍ ଜମାଅତ୍‌କୁ ପ୍ରାପ୍ତ ହୋଇଛି । ପୃଥିବୀର ସମସ୍ତ ଦେଶରେ ବିଶେଷ କରି ୪ଟି ମହାଦେଶରେ ଜମାଅତ୍‌କୁ ମସ୍‌ଜିଦ୍ ନିର୍ମାଣ କରିବାର ସୌଭାଗ୍ୟ ଅର୍ଜନ ହୋଇଛି ।

ହୁଜୁର୍ ଅନୱର୍ ଅ.ବ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ମସ୍‌ଜିଦ୍‌ର ନିର୍ମାଣ ସଂପର୍କରେ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଘଟଣା ଚର୍ଚ୍ଚା କଲେ । ତନ୍ମଧ୍ୟରୁ ନର୍‌ୱେର ଘଟଣା ଅତ୍ୟନ୍ତ ମନୋରଞ୍ଜକ ଅଟେ । ଯେତେବେଳେ ଏଠାରେ ଯୋଜନାବଦ୍ଧ ଭାବରେ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ଲୋକମାନେ ବିରୋଧ ପ୍ରଦର୍ଶନ କଲେ ଏବଂ ନିକଟରେ ଥିବା ଗୀର୍ଜାର କର୍ମଚାରୀମାନେ ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟକୁ ମଧ୍ୟ ବିରୋଧ କରିଥିଲେ । କିନ୍ତୁ ପରିଶେଷରେ ଅଲ୍ଲାଃତାଲାଙ୍କ ନିୟତି ସଫଳ ରୂପେ ରୂପାୟିତ ହୋଇଥିଲା । ଯେଉଁ ଚର୍ଚ୍ଚ ଆମ ମସ୍‌ଜିଦ୍ ନିର୍ମାଣର ବିରୋଧ କରୁଥିଲା ସେହି ଚର୍ଚ୍ଚର

ବ୍ୟବସ୍ଥାପକ କମିଟି ଦ୍ୱାରା ନିଜ ଚର୍ଚ୍ଚର ରକ୍ଷଣା ବେକ୍ଷଣ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଚର୍ଚ୍ଚର ଦାୟିତ୍ୱ ଭାର ବହନ ନହେବା ଯୋଗୁଁ ପରିଶେଷରେ ସେମାନେ ଚର୍ଚ୍ଚକୁ ବିକ୍ରୟ କରିବାକୁ ନିଷ୍ପତ୍ତି ନେଲେ ଏବଂ ଜମାଅତ୍ ଉକ୍ତ ଚର୍ଚ୍ଚକୁ କ୍ରୟ କରି ତାହାକୁ ମସ୍‌ଜିଦ୍ ରୂପେ ବ୍ୟବହାର କରୁଅଛି ।

ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ୯୭ଟି ମିଶନ ହାଉସ୍‌ର ମଧ୍ୟ ଅଭିବୃଦ୍ଧି ଘଟିଛି । ଜମାଅତ୍ ଅହେମଦିୟାର ଏକ ବିଶିଷ୍ଟ ଗୁଣାବଳୀ ହେଉଛି **ୱକ଼ାରେ ଅମଲ୍** (ସ୍ୱଚ୍ଛତା ଅଭିଯାନ) । ୧୪୮ଟି ରାଷ୍ଟ୍ରରୁ ପ୍ରାପ୍ତ ରିପୋର୍ଟ ଆନୁଯାୟୀ ୧୧୪ଟି ଦେଶରେ ମୋଟ୍ ୪୧,୧୧୧ ୱକାରେ ଅମଲ୍ ହୋଇଛି । ଯଦ୍ୱାରା ୫୨ ଲକ୍ଷ ୧୩ ହଜାର୍ ୟୁ.ଏସ୍ ଡ଼ଲାରର ସଞ୍ଚୟ ହୋଇଛି । ତହିଁରୁ ୧୦ଟି ଅତିରିକ୍ତ ସଂଖ୍ୟକ ମସ୍‌ଜିଦ୍ ନିର୍ମାଣ କରିବାକୁ ଅଲ୍ଲାଃତାଲା ଜମାଅତ୍‌କୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସେହିପରି ଅଲ୍ଲାଃତାଲା ଆମର ଧନ ଜୀବନରେ ମଧ୍ୟ ଅଜସ୍ର ବରକତ୍ ପ୍ରଦାନ କରନ୍ତୁ ।

ରକ଼ିମ୍ ପ୍ରେସ୍ ମାଧ୍ୟମରୁ ମଧ୍ୟ କାର୍ଯ୍ୟ ସମ୍ପାଦନ ହେଉଛି । ଉକ୍ତ ପ୍ରେସ୍ ମାଧ୍ୟମରେ କେବଳ ୩ ଲକ୍ଷ ୬୦ ହଜାର ୨୪୦ଟି ପୁସ୍ତକ ପ୍ରକାଶିତ ହୋଇଛି । କ଼ାଏଦା ୟସ୍‌ନଲ୍ କୁର୍‌ଆନ୍ ଶୈଳୀରେ ପବିତ୍ର କୁର୍‌ଆନ୍‌ର ପ୍ରକାଶନ ହୋଇଛି । ଏହି କାର୍ଯ୍ୟ ଜମାଅତ୍ ଅହେମଦିୟା କାଦିୟାନ୍‌ର ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି ଏବଂ ନଜ଼ାରତ୍ ନଶ୍‌ରୋ ଇଶାଅତ୍ କାଦିୟାନ୍ ବେଶ ସୁନ୍ଦର ଭାବରେ ଏହି କାର୍ଯ୍ୟ ସମ୍ପାଦନ କରିଛି । ଅଲ୍‌ହମ୍‌ଦୁଲିଲ୍ଲାଃ । ଅତି ସୁନ୍ଦର, ମନୁସ୍ମକର କୁର୍‌ଆନ୍ ପ୍ରସ୍ତୁତ ହୋଇଛି, ଯାହାର ରଙ୍ଗୀନ ବର୍ଡର ଏବଂ ଜିଲ୍‌ଦ୍ ଅର୍ଥାତ୍ ବାଇଡ଼ିଂ (ବନ୍ଧେଇ) ମଧ୍ୟ ନିଆରା । ଯେପରି ମୁଁ କହିଲି ଯେ, ଏହି କୁରଆନ୍ କରୀମର ଫଣ୍ଟକୁ ୟସ୍‌ନଲ୍ କୁରଆନର ଫଣ୍ଟ ଅନୁସାରେ ମୁଦ୍ରିତ କରାଯାଇଛି । ଯେଉଁ ଅକ୍ଷର ଗ୍ରହଣୀୟ ତାହାର ନାମ ରଖା ଯାଇଛି ଏବଂ ଏହା ହେଉଛି ଜମାଅତ୍ ଅହେମଦିୟାର ବିଶେଷ ଲେଖା ଯାହାକି ଅନ୍ୟ ସ୍ଥାନମାନଙ୍କରେ ଉପଲବ୍ଧ ନୁହେଁ । ଯାହା ପଢିବା ପାଇଁ ଅତ୍ୟନ୍ତ ସରଳ ତଥା ଉପଯୋଗୀ । ଯେପରି ମୁଁ କହିଲି ଯେ, ଉକ୍ତ ଦିଗରେ ଭାରତର ଜମାଅତ୍ ଅହେମଦିୟା କାଦିୟାନ୍‌ର ପ୍ରକାଶନୀ ସଂସ୍ଥା ପରିଶ୍ରମର ସହିତ ଏ ଦିଗର କାର୍ଯ୍ୟ କରିଛି । ପାକିସ୍ତାନରେ ଆମର କୁରଆନ୍ କରୀମ୍ ପଢିବାକୁ, ମୁଦ୍ରଣ କରିବା ପାଇଁ ଏବଂ ରଖିବା ପାଇଁ ଯେଉଳି କଟକଣା ଲଗାଉଛନ୍ତି, ପ୍ରଭୁଙ୍କ କୃପାରୁ ତା'ଠୁ ଅଧିକ ଅଲ୍ଲାଃତାଲା ଆମମାନଙ୍କ ପାଇଁ ପଥ ସୁଗମ କରି ଚାଲିଛନ୍ତି ।

ବର୍ତ୍ତମାନ ସମଗ୍ର ପୃଥିବୀରେ ୨୯ଟି ଭାଷାରେ ୯୪ଟି ଶିକ୍ଷା ଏବଂ ସଂସ୍କାର ଏବଂ ଜ୍ଞାନଭିତ୍ତିକ ପ୍ରସଙ୍ଗ ଉପରେ ଆଧାରିତ ଖବରକାଗଜ ଓ ପତ୍ରିକାମାନ ପ୍ରକାଶିତ ହେଉଛି ଏବଂ ୩୯ଟି ଭାଷାରେ ଖବରକାଗଜ ଏବଂ ପତ୍ରିକାମାନ ପ୍ରକାଶ ଲାଭ କରୁଛି । ପ୍ରକାଶନ ସଂସ୍ଥାର ରିପୋର୍ଟ ମୁତାବକ ଏଠାରେ ଏହାର ପ୍ରକାଶନ ଏବଂ ପ୍ରେରଣର ଆଉ ଏକ ବିଭାଗ ରହିଛି । ୨୪ଟି ଭାଷାରେ ୧ ଲକ୍ଷ ୯୦ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟକ ପୁସ୍ତକ ଏଠାରୁ ସମଗ୍ର ପୃଥିବୀରେ ପ୍ରେରଣ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ଦେଶରେ

୭୦୯ ବିଷୟବସ୍ତୁ ଉପରେ ଆଧାରିତ ମୋଟ୍ ୬୩ ଲକ୍ଷ ୮୭ ହଜାର ସଂଖ୍ୟକ ପୁସ୍ତକ ଏବଂ ଫୋଲଡ଼ର, ଲିଫ୍ ଲେଟ୍ସ୍ ଆଦି ନିଃଶୁଳ୍କ ବଣ୍ଟା ଯାଇଛି ।

ଚଳିତ ବର୍ଷ ଲିଫ୍ ଲେଟ୍ସ୍ (ପ୍ରଚାର ପତ୍ର) ବଣ୍ଟନର ଯୋଜନା ରହିଥିଲା । ଚଳିତ ବର୍ଷ ୧୧୧ଟି ଦେଶରେ ମୋଟ ୯୩ ଲକ୍ଷ ୫୭ ହଜ଼ାର ଅତିରିକ୍ତ ଲିଫ୍ ଲେଟ୍ସ୍ ବଣ୍ଟନ ହୋଇଛି । ଯଦ୍ୱାରା ୨ କୋଟି ୨୭ ଲକ୍ଷ ଲୋକମାନଙ୍କ ନିକଟରେ ଜମାଅତ୍‌ର ବାର୍ତ୍ତା ପହଞ୍ଚିଛି ।

ଯେତେବେଳେ ପ୍ରଦର୍ଶନୀ ଏବଂ ପୁସ୍ତକ ମେଳା ଆଦି ଅନୁଷ୍ଠିତ ହୁଏ ସେତେବେଳେ ପବିତ୍ର କୁରଆନ୍ କରୀମ୍, ଜମାଅତ୍‌ର ଲିଟ୍ରେଚର ଆଦି ପ୍ରଦର୍ଶନୀର ବ୍ୟବସ୍ଥା ମଧ୍ୟ ହୋଇଥିଲା । ପ୍ରାପ୍ତ ରିପୋର୍ଟ ଅନୁଯାୟୀ ୭,୫୪୦ଟି ପ୍ରଦର୍ଶନୀ ମାଧ୍ୟମରେ ୩ ଲକ୍ଷ ୪୩ ହଜାରରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନିକଟରେ ଇସ୍‌ଲାମ୍‌ର ବାର୍ତ୍ତା ପହଞ୍ଚାଯାଇଛି ।

୨୦୧୯ ମସିହା ଡ଼ିସେମ୍ବର ମାସରେ ଏକ ପୁସ୍ତକ ମେଳା ଆୟୋଜିତ ହୋଇଥିଲା ଯେଉଁଥିରେ ନୁରୁଲ୍ ଇସ୍‌ଲାମ୍ ପକ୍ଷରୁ ସେଠାକାର ଜହରିୟା ନାମକ ବହୁତ ବଡ଼ ହିନ୍ଦୁ ସ୍କଲାର୍ (ବିଦ୍ୱାନ) ଆସିଲେ । ସେ ଧର୍ମ ସଂକ୍ରାନ୍ତରେ ବହୁତ ଗଭୀର ଜ୍ଞାନର ଅଧିକାରୀ ଥିଲେ । ସେ ଆମ ଷ୍ଟଲ୍ ଆଗରେ ଆସି ଛିଡ଼ା ହେଲେ ଏବଂ କିଛି ମିନଟ୍ ପରେ ହିଁ କୁରଆନ୍ କରୀମ୍ ଉପରେ ଆପତ୍ତି କରିଦେଲେ । ସୁତରାଂ ମହୋଦୟଙ୍କୁ ତାଙ୍କର ପଚରା ଯାଇଥିବା ସମସ୍ତ ପ୍ରଶ୍ନର ସାନ୍ତ୍ୱନାମୂଳକ ଉତ୍ତର ଦିଆଯାଇଥିଲା । ଏହାର ପ୍ରତିକ୍ରିୟା ସ୍ୱରୂପ ସେ ନିଃସଙ୍କୋଚ ଭାବରେ କହିବାକୁ ଲାଗିଲେ ଯେ, ମୁଁ ଆଜି ପର୍ଯ୍ୟନ୍ତ ଏପରି ସାନ୍ତ୍ୱନାମୂଳକ ଉତ୍ତର କାହାଠାରୁ ଶୁଣି ନଥିଲି । ମୁଁ ଇସ୍‌ଲାମ୍ ସମନ୍ଧରେ ଜ୍ଞାନ ଆହରଣ ପାଇଁ ଅସଂଖ୍ୟ ବିଦ୍ୱାନ ମନିଷୀଙ୍କ ନିକଟକୁ ଯାଇଛି ଏବଂ ଦୁଆର ଦୁଆର ଘୁରି ବୁଲିଛି କିନ୍ତୁ କେହି ଜଣେ ହେଲେ ବିଦ୍ୱାନ ମଧ୍ୟ ମୋ ପ୍ରଶ୍ନର ଏଭଳି ସାନ୍ତ୍ୱନାମୂଳକ ଉତ୍ତର ଦେଇପାରି ନଥିଲେ ଯେଉଁଭଳି ଆପଣ ମୋତେ ପ୍ରଦାନ କରିଛନ୍ତି । ସେମାନେ ମୋତେ ଯେଉଁ ଉତ୍ତର ଦେଇଥିଲେ ତାହା କେବଳ ମୋ ମନ ଭିତରେ ଇସଲାମ୍ ଓ କୁରଆନ୍ ପ୍ରତି ସହାନୁଭୂତି ପରିବର୍ତ୍ତେ ବିଦ୍ୱେଷ ଭାବ ଏବଂ ବିଷ ଭରି ଦେଇଥିଲା ଏବଂ ମୋ ଭିତରେ ଏତେ ବିଷ ଭରି ଦିଆଯାଇଥିଲା କି ପରିଶେଷରେ ମୁଁ ଓ ମୋର ବନ୍ଧୁମାନେ ଏହି ନିଷ୍ପତ୍ତି ନେଲୁ କି ଇସ୍‌ଲାମ୍ ବିରୁଦ୍ଧରେ ଏକ ଟି.ଭି ଚ୍ୟାନେଲ୍ ଚଳାଇବୁ । କିନ୍ତୁ ବର୍ତ୍ତମାନ ଆପଣମାନେ ମୋର ସଂସାରକୁ ହିଁ ସଂପୂର୍ଣ୍ଣ ରୂପେ ପାଲଟି ଦେଇଛନ୍ତି । ମହୋଦୟ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ଏବଂ ଯାଉ ଯାଉ ଏହି ପ୍ରତିଶୃତି ଦେଇଗଲେ ଯେ, ମୁଁ ଆଜିଠାରୁ ଇସ୍‌ଲାମ୍ ଏବଂ କୁରଆନ୍ କରୀମ୍ ବିରୁଦ୍ଧରେ କେବେହେଲେ ବିରୋଧ ପ୍ରଦର୍ଶନ କରିବି ନାହିଁ ।

ଆଗ୍ରାର ପୁସ୍ତକ ମେଳା ଅବସରରେ ଆଞ୍ଚଳିକ ଖବରଗକାଗଜ ଓ ଗଣାମାଧ୍ୟମର ସାମ୍ବାଦିକ ତଥା ପ୍ରତିନିଧିମାନେ ଆମର ଷ୍ଟଲ୍‌କୁ ଆସିଲେ ଏବଂ ସେମାନଙ୍କ ସହିତ ବାର୍ତ୍ତାଳାପ ମଧ୍ୟ ହେଲା । ସାମ୍ବାଦିକ ମହୋଦୟ ନିର୍ଭିକ ରୂପେ ଇସ୍‌ଲାମ୍ ସଂପ୍ରଦାୟର ଦୂରବସ୍ଥା (ଦୁର୍ଦ୍ଦଶା) ସଂପର୍କରେ ନିଜର ମତାମତ

ଦେଲେ। ପ୍ରତ୍ୟୁତ୍ତର ସ୍ୱରୂପ ଯେତେବେଳେ ତାଙ୍କୁ ଜମାଅତ୍ ଅହେମଦିୟା ତରଫରୁ କଲ୍ୟାଣମୂଳକ ଇସ୍‌ଲାମୀୟ ସେବା ସଂପର୍କରେ ଅବଗତ କରାଗଲା ସେତେବେଳେ ସେ ବହୁତ ପ୍ରଭାବିତ ମଧ୍ୟ ହୋଇଥିଲେ ଏବଂ ଉକ୍ତ କାର୍ଯ୍ୟରେ ଆମକୁ ପ୍ରତ୍ୟେକ ପ୍ରକାରର ସାହାଯ୍ୟ ଓ ସହଯୋଗର ପ୍ରତିଶୃତି ମଧ୍ୟ ଦେଇଥିଲେ । ମହୋଦୟ ନିଜର ଯୋଗାଯୋଗ ମାଧ୍ୟମରେ ଆମର ବାର୍ତ୍ତାକୁ ଦୁଇ ତିନୋଟି ନ୍ୟୁଜ଼ ଚ୍ୟାନେଲରେ ମଧ୍ୟ ପ୍ରସାରଣ କରାଇଛନ୍ତି, ଯଦ୍ୱାରା ଲକ୍ଷାଧିକ ଲୋକମାନଙ୍କ ନିକଟରେ ଜମାଅତ୍ ଅହେମଦିୟାର ବାର୍ତ୍ତା ପହଞ୍ଚି ପାରିଛି ।

ଚଣ୍ଡୀଗଡ଼ରେ ଏକ ପିସ୍ ସିମ୍ପୋଜ଼ିୟମ (ଆଲୋଚନାଚକ୍ର)ର ଆୟୋଜନ ବେଳେ ଉବୈଦୁଲ୍ଲାଃ ନାମକ ଜଣେ ଆଫ୍‌ଗାନୀୟ ବନ୍ଧୁଙ୍କୁ ଜମାଅତ୍ ସହ ପରିଚିତ କରାଗଲା । ତାଙ୍କୁ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ଅବଗତ କରାଗଲା ଯେ, ମସିହ୍ ମଉଦ୍ ଅ.ସ ମସିହ୍ ଏବଂ ମେହଦୀ ହେବାର ଦାବି କରିଛନ୍ତି । ଯାହାର ସୁସମାଚାର ଆଁହଜ଼ରତ୍ ସ.ଅ ଦେଇଥିଲେ । ସୁତରାଂ ଯେତେବେଳେ ଏହି ଆଫ୍‌ଗାନ୍ ବନ୍ଧୁଙ୍କୁ କୁହାଗଲା ଯେ, ଆପଣ ଚିନ୍ତା କରନ୍ତୁ ଏବଂ ବର୍ତ୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କରି ଦେଖନ୍ତୁ ଯେ, କ'ଣ ଏହି ସମୟଟି ମସିହ୍ ଏବଂ ମେହଦୀଙ୍କ ଆଗମନର ସମୟ ନୁହେଁ ? ଏଥିରେ ତାଙ୍କ ମୁଖମଣ୍ଡଳ ରକ୍ତବର୍ଣ୍ଣ ହୋଇଗଲା । ସେ ପ୍ରକମ୍ପିତ ହେବାକୁ ଲାଗିଲେ ଏବଂ ବାରମ୍ବାର ଏହା କହୁଥିଲେ ଯେ, କ'ଣ ଏହା ସତ୍ୟ ଯେ, ମସିହ୍ ମଉଦ୍ ଆସି ଯାଇଛନ୍ତି ? ଏହାପରେ ଯେତେବେଳେ ତାଙ୍କୁ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ବାକ୍ୟରେ ଆଁହଜ଼ରତ୍ ସ.ଅଙ୍କର ଭବ୍ୟତା ଏବଂ ମହାନତା ସଂପର୍କରେ କୁହାଗଲା ସେତେବେଳେ ସେ ବହୁତ ଭାବୁକ ହୋଇଯାଇ ଆମର ଅହେମଦି ବନ୍ଧୁଙ୍କ ମଥାକୁ ଚୁମ୍ବନ ଦେବାକୁ ଲାଗିଲେ ଏବଂ କହିଲେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଏହା ହିଁ ଯାହା ଆପଣମାନ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରୁଛନ୍ତି ।

ଇନ୍‌ଶାଅଲ୍ଲାଃ ରବିବାର ଦିନ ଅପରାହ୍ଣ ୪ ଘଟିକା ସମୟ ଏକ ସଂକ୍ଷିପ୍ତ ଜନ ସମାବେଶରେ ଜଲ୍‌ସା ଶୈଳୀରେ (ରିପୋର୍ଟର) ଅବଶିଷ୍ଟାଂଶ ମଧ୍ୟ ବର୍ଣ୍ଣନା କରିଦେବି । ଇନ୍‌ଶାଅଲ୍ଲାଃ ଏଠାରେ ହଲ୍‌ରେ ଏବଂ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ଅହେମଦିମାନେ ଏମ୍.ଟି.ଏର ପ୍ରସାରଣ ମାଧ୍ୟମରେ ଶୁଣି ନେବେ ଯାହାକି ଅଲ୍ଲାଃତାଲା ଚଳିତ ବର୍ଷ ଜମାଅତ୍ ଅହେମଦିୟା ଉପରେ ଅବତୀର୍ଣ୍ଣ କରିଛନ୍ତି ।

..............................

KHULASA KHUTBA JUMA HUZOOR ANWAR a.b.a

7th Aug 2020

..........................